# ପ୍ରାଥମିକ କ୍ଷେତ୍ର ରେ ଋଣ ପ୍ରଦାନ

**୧. ପ୍ରାଥମିକ କ୍ଷେତ୍ର ଋଣ ପ୍ରଦାନ ଅନ୍ତର୍ଗତ ଲକ୍ଷ୍ୟ ଗୁଡ଼ିକ କଅଣ ଅଟେ ?**

ଉ :- ଭାରତରେ ଅବସ୍ଥିତ ଘରୋଇ ବ୍ୟାଙ୍କ ଏବଂ ବିଦେଶୀ ବ୍ୟାଙ୍କ ଗୁଡ଼ିକରେ ପ୍ରାଥମିକ କ୍ଷେତ୍ର ଋଣ ପ୍ରଦାନ କ୍ଷେତ୍ରରେ ନିର୍ଦ୍ଧାରିତ ଲକ୍ଷ୍ୟ ଓ ଉପଲକ୍ଷ୍ୟର ବିବରଣୀ ନିମ୍ନ ବର୍ଣ୍ଣିତ ହୋଇଅଛି ।

| | ଋଣ ପ୍ରଦାନର ବର୍ଗବିଶେଷ | ରାଷ୍ଟ୍ରିୟ ପଞ୍ଜିକୃତ ବ୍ୟାଙ୍କ | ଭାରତରେ କାର୍ଯ୍ୟରତ ବିଦେଶୀ ବ୍ୟାଙ୍କ |
|---|---|---|---|
| i | ଅଗ୍ରାଧିକାର କ୍ଷେତ୍ରରେ ସମଷ୍ଟିଗତ ଋଣ ପ୍ରଦାନ | ନିଟ୍ ବ୍ୟାଙ୍କ ଋଣର ୪୦ ପ୍ରତିଶତ | ନିଟ୍ ବ୍ୟାଙ୍କ ଋଣର ୩୨ ପ୍ରତିଶତ |
| ii | କୃଷି କ୍ଷେତ୍ରରେ ଋଣ ପ୍ରଦାନ | ନିଟ୍ ବ୍ୟାଙ୍କ ଋଣର ୧୮ ପ୍ରତିଶତ | କୌଣସି ଲକ୍ଷ୍ୟ ନାହିଁ |
| iii | ଦୂର୍ବଳ ଶ୍ରେଣୀବର୍ଗ ପ୍ରତି ଋଣ ପ୍ରଦାନ | ନିଟ୍ ବ୍ୟାଙ୍କ ଋଣର ୧୦ ପ୍ରତିଶତ | କୌଣସି ଲକ୍ଷ୍ୟ ନାହିଁ |
| iv | କ୍ଷୁଦ୍ର ଶିଳ୍ପ ପ୍ରତି ଋଣ ପ୍ରଦାନ | କୌଣସି ଲକ୍ଷ୍ୟ ନାହିଁ | ନିଟ୍ ବ୍ୟାଙ୍କ ଋଣର ୧୦ ପ୍ରତିଶତ |
| v | ରପ୍ତାନୀ କ୍ଷେତ୍ରରେ | ରାଷ୍ଟ୍ରିୟ ପଞ୍ଜିକୃତ ବ୍ୟାଙ୍କ ପାଇଁ ରପ୍ତାନୀ ଅଗ୍ରାଧିକାର କ୍ଷେତ୍ର ଅନ୍ତର୍ଭୁକ୍ତ ନୁହେଁ | ନିଟ୍ ବ୍ୟାଙ୍କ ଋଣର ୧୨ ପ୍ରତିଶତ |

**୨. ନିଟ୍ ବ୍ୟାଙ୍କ ଋଣ କିପରି ଗଠିତ ହୁଏ ?**

ଉଃ- ନିଟ୍ ବ୍ୟାଙ୍କ ଋଣର ସମଷ୍ଟି ରିଜର୍ଭ ବ୍ୟାଙ୍କ ନିୟମ, ୧୯୩୪ର ଧାରା ୪୨(୨) ଅନ୍ତର୍ଗତ ପ୍ରସ୍ତୁତ ହୋଇଥିବା ପାକ୍ଷିକ ପରିସଂଖ୍ୟାନ ସହିତ ସମତୁଲ ହେବା ବିଧେୟ, ମାତ୍ର ପ୍ରାଥମିକ କ୍ଷେତ୍ର ଋଣ ପ୍ରଦାନ ପରିଗଣନା ସମୟରେ, ନିଟ୍ ବ୍ୟାଙ୍କ ଋଣ ପରିସଂଖ୍ୟାନରୁ ଏଫ୍.ସି.ଏନ୍.ଆର(ବି) ଓ ଏନ୍.ଆର.ଏନ୍.ଆର ଅନ୍ତର୍ଗତ ଅପରିଶୋଧିତ ଜମାରାଶି ବାଦ୍ ଦେବାକୁ ପଡ଼ିଥାଏ ।

**୩. ପ୍ରାଥମିକ କ୍ଷେତ୍ରର ବିଭାଗ କିପରି ହୋଇଥାଏ ?**

ଉଃ- ସାମଗ୍ରୀକ ରୂପରେ ପ୍ରାଥମିକ କ୍ଷେତ୍ର ନିମ୍ନଲିଖିତ ବିଭାଗକୁ ନେଇ ଗଠିତ ହୋଇଥାଏ

a) କୃଷି
b) କ୍ଷୁଦ୍ର ସଡ଼କ/ଜଳ ପରିବହନ ସଂସ୍ଥା (୧୦ଟି ପରିବହନ ଯାନର ଅଧିକାରୀ)
c) କ୍ଷୁଦ୍ର ବ୍ୟବସାୟିକ ସଂସ୍ଥା (ବ୍ୟବସାୟ ଅନ୍ତର୍ଭୁକ୍ତ ଯନ୍ତ୍ର ତଥା ଉପକରଣର ସାମଗ୍ରୀକ ମୂଳ ମୂଲ୍ୟ ୨୦ ଲକ୍ଷଟଙ୍କା ମଧ୍ୟରେ ହୋଇଥିବା ବିଧେୟ)
d) ଖୁଚୁରା ବ୍ୟବସାୟ (ଘରୋଇ ଖୁଚୁରା ବ୍ୟବସାୟୀଙ୍କୁ ୧୦ ଲକ୍ଷଟଙ୍କା ମଧ୍ୟରେ ଅଗ୍ରୀମ ପ୍ରଦାନ)
e) ବୈଷୟିକ ଏବଂ ଆତ୍ମ-ନିଯୁକ୍ତ ବ୍ୟକ୍ତି ବିଶେଷ-(ଋଣ ପ୍ରଦାନର ସୀମା ୧୦ ଲକ୍ଷ ଟଙ୍କା ମଧ୍ୟରେ ଏବଂ ଏହି ୧୦ ଲକ୍ଷଟଙ୍କା ସୀମା ମଧ୍ୟରେ ୨ଲକ୍ଷ ଟଙ୍କାର ସକ୍ରିୟ ମୂଳଧନର ସୀମା ରହିବା ବିଧେୟ, ପ୍ରାଥମିକ କ୍ଷେତ୍ରର ଅନ୍ତର୍ଭୁକ୍ତ ଋଣ ପ୍ରଦାନର ଅନ୍ତର୍ଗତ ଗ୍ରାମୀଣ ଅଞ୍ଚଳରେ କାର୍ଯ୍ୟରତ ତାଲିମ ପ୍ରାପ୍ତ ଚିକିତ୍ସକଙ୍କୁ ସମୁଦାୟ ଋଣ ପ୍ରଦାନ ୧୫ ଲକ୍ଷ ଟଙ୍କା ହୋଇପାରେ ଏବଂ ଏହା ମଧ୍ୟରେ ୩ ଲକ୍ଷ ଟଙ୍କାର ମଟର ଚାଳିତ ଯାନର କ୍ରୟ ହୋଇପାରେ)
f) ରାଜ୍ୟ ଦ୍ୱାରା ପ୍ରାୟୋଜିତ ତଫସିଲଭୁକ୍ତ ଜାତି/ଉପଜାତିଙ୍କ ପ୍ରଗତି ନିମିତ୍ତ ଉଦ୍ଦିଷ୍ଟ ସଂସ୍ଥା
g) ଶିକ୍ଷା:-(ବ୍ୟାଙ୍କ ମାନଙ୍କ ଦ୍ୱାରା ବ୍ୟକ୍ତି ବିଶେଷଙ୍କୁ ଶିକ୍ଷାଋଣ ପ୍ରଦାନ)

h) ଗୃହ ନିର୍ମାଣ -(ପ୍ରତ୍ୟକ୍ଷ ଓ ପରୋକ୍ଷ) -୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ପ୍ରଦାନ (ପ୍ରତ୍ୟକ୍ଷ ଋଣ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ- ସହରାଞ୍ଚଳ ପାଇଁ) (୧ଲକ୍ଷ ଟଙ୍କା ଠାରୁ ୨ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଗୃହ ମରାମତି ଋଣ ଗ୍ରାମାଞ୍ଚଳ/ ଅର୍ଦ୍ଧସହର/ ସହରାଞ୍ଚଳ ପାଇଁ)

i) ଉପଭୋକ୍ତାକୁ ଋଣ ପ୍ରଦାନ - (ଉପରୋକ୍ତ ଋଣ ପ୍ରଦାନ ଯୋଜନା ଅନ୍ତର୍ଗତ ଦରିଦ୍ର ବର୍ଗର ବ୍ୟକ୍ତି ବିଶେଷଙ୍କ ପାଇଁ ଉଦ୍ଦିଷ୍ଟ)

j) ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ ଏସ୍.ଏଚ.ଜି/ଏନ୍.ଜି.ଓ ମାନଙ୍କୁ ମାଇକ୍ରୋ କ୍ରେଡ଼ିଟର ଯୋଗାଣ । ଏନ୍.ଜି.ଓ ମାନଙ୍କୁ ଏସ୍.ଏଚ.ଜି ମାନଙ୍କୁ ପୁନଃ ଋଣ ପ୍ରଦାନ ପାଇଁ ଋଣ ପ୍ରଦାନ

k) ସଫ୍ଟୱେୟାର ଶିଳ୍ପକୁ ଋଣ ପ୍ରଦାନ - (ଯେଉଁ ସଫ୍ଟୱେୟାର ଶିଳ୍ପର ବ୍ୟାଙ୍କ ଋଣ ପ୍ରଦାନ ସୀମା ୧ କୋଟି ଟଙ୍କା ମଧ୍ୟରେ ସୀମିତ)

l) ଖାଦ୍ୟ ଓ କୃଷିଭିତ୍ତିକ ଶିଳ୍ପ କ୍ଷେତ୍ରରେ କାର୍ଯ୍ୟରତ ନିର୍ଦ୍ଦିଷ୍ଟ କେତେକ ଶିଳ୍ପାୟନ, ଯେଉଁ ମାନଙ୍କର କାରଖାନା ଓ ଯନ୍ତ୍ରାଂଶର ସାମଗ୍ରୀକ ମୂଲ୍ୟ ୫ କୋଟି ଟଙ୍କା ମଧ୍ୟରେ ହୋଇଥିବ

m) ବ୍ୟାଙ୍କ ମାନଙ୍କ ଦ୍ୱାରା 'ଭେଞ୍ଚର କ୍ୟାପିଟାଲ'ରେ ପୁଞ୍ଜି ନିବେଶ (ଭେଞ୍ଚର କ୍ୟାପିଟାଲ ନିଧି 'ସେବି' ଦ୍ୱାରା ପଞ୍ଜୀକୃତ ସଂସ୍ଥା ମାନଙ୍କ ନିମିତ୍ତ)

**୪) କୃଷି ପାଇଁ ଉଦ୍ଦିଷ୍ଟ 'ପ୍ରତ୍ୟକ୍ଷ ଋଣ' ପ୍ରଦାନ କହିଲେ, କଅଣ ବୁଝାଯାଏ ?**

ଉ :- କୃଷି ପାଇଁ କୃଷକ ମାନଙ୍କୁ ପ୍ରଦାନ କରାଯାଇଥାଏ ଶସ୍ୟ ଉତ୍ପାଦନ ପାଇଁ 'ଶସ୍ୟଋଣ' ସ୍ୱଳ୍ପକାଳୀନ ଭିତ୍ତିରେ ଦିଆଯାଏ ଏତଦ୍ ବ୍ୟତୀତ, କୃଷକମାନେ କୃଷି ଉତ୍ପାଦନକୁ ବନ୍ଧକ ରଖି (ୱେୟାରହାଉସ ରସିଦ ମଧ୍ୟ ଅନ୍ତର୍ଭୁକ୍ତ) ୧୨ ମାସ ମଧ୍ୟରେ ଶୁଝିବାକୁ ରାଜି ହୋଇ ୫ ଲକ୍ଷଟଙ୍କା ପର୍ଯ୍ୟନ୍ତ ଅଗ୍ରୀମ ପାଇ ପାରନ୍ତି । ଏହି କ୍ଷେତ୍ରରେ କୃଷକ ଶସ୍ୟ ଉତ୍ପାଦନ ପାଇଁ ଋଣ ନେଇଥିବା ଏବଂ କୃଷକଟି ଗୋଟିଏ ବ୍ୟାଙ୍କରୁ ଋଣ ଗ୍ରହଣ କରିଥିବା ବିଧେୟ୍ ମଧ୍ୟକାଳୀନ ଓ ଦୀର୍ଘମିଆଦି ପ୍ରତ୍ୟକ୍ଷ କୃଷି ଋଣ କୃଷକ ମାନଙ୍କୁ ଉତ୍ପାଦନ ଏବଂ କୃଷି କ୍ଷେତ୍ରରେ ଉନ୍ନୟନ ପାଇଁ ଦେଇଥାଏ । ଏହି ଧରଣର ପ୍ରତ୍ୟକ୍ଷ ଋଣ କୃଷି କ୍ଷେତ୍ରରେ ବ୍ୟବହୃତ ଯନ୍ତ୍ରାଂଶ/ଉପକରଣ କିଣିବା ପାଇଁ/କୃଷି ଭୂମିର ପୁନରୁଦ୍ଧାର/ଉନ୍ନୟନପାଇଁ/ କୃଷି କ୍ଷେତ୍ରରେ କୃଷି ସଂଲଗ୍ନ ଗୃହ/ ମଞ୍ଚା ନିର୍ମାଣ କରିବା ପାଇଁ ଦିଆଯାଇଥାଏ । ଏହି ଧରଣର ପତ୍ୟକ୍ଷ କୃଷି ଋଣ କ୍ଷୁଦ୍ର ଓ ନାମ ମାତ୍ର ଚାଷୀଙ୍କୁ ଭୂମି କ୍ରୟ/ଚାରା ରୋପଣ ଏବଂ ଆନୁସଙ୍ଗିକ କାର୍ଯ୍ୟକ୍ରମ ଯଥା:- ମତ୍ସ୍ୟପାଳନ, କୁକୁଡା ପାଳନ ଏବଂ କୃଷି -ଚିକିତ୍ସାଳୟ ଏବଂ କୃଷି ବ୍ୟବସାୟ କେନ୍ଦ୍ର ଖୋଲିବା ପାଇଁ ମଧ୍ୟ ଦିଆଯାଇଥାଏ ।

**୫. ପରୋକ୍ଷ କୃଷି ଋଣ କହିଲେ, କଅଣ ବୁଝାଯାଏ ?**

ଉ :- ଅନ୍ୟ ସଂସ୍ଥା ଦ୍ୱାରା, ବ୍ୟାଙ୍କମାନଙ୍କ ତରଫରୁ କୃଷକମାନଙ୍କୁ

a) ଯୋଗାଇ ଦିଆଯାଉଥିବା ଋଣକୁ ପରୋକ୍ଷ କୃଷି ଋଣ କୁହାଯାଏ

b) ସାର କୀଟନାଶକ ଓ ବିହନର କ୍ରୟ ଓ ଆବଣ୍ଟନ ପାଇଁ ପରୋକ୍ଷ କୃଷି ଋଣ ଦିଆଯାଏ

c) ଗୋ ଖାଦ୍ୟ ଓ କୁକୁଡା ଖାଦ୍ୟର ଆବଣ୍ଟନ ନିମିତ୍ତ ୨୫ ଲକ୍ଷ ଯଙ୍କା ପର୍ଯ୍ୟନ୍ତ ପରୋକ୍ଷ କୃଷି ଋଣ ଦିଆଯାଇଥାଏ

d) କୃଷି କ୍ଷେତ୍ରରେ କୂପ ଖନନ ପାଇଁ 'ଲୋ-ଟେନ୍ସନ' ବିଦ୍ୟୁତ୍ ସଂଯୋଗର/ ବ୍ୟବସ୍ଥା ବିଦ୍ୟୁତର ମୁଖ୍ୟ ସ୍ରୋତ ଠାରୁ କୃଷିକ୍ଷେତ୍ର ପର୍ଯ୍ୟନ୍ତ ସରବରାହ ଖର୍ଚ୍ଚର ଭରଣା ଉଦ୍ଦେଶ୍ୟରେ ବିଦ୍ୟୁତ କମ୍ପାନୀ ମାନଙ୍କୁ ପରୋକ୍ଷ କୃଷି ଋଣ ଦିଆଯାଇପାରେ ।

e) ବିଦ୍ୟୁତ କମ୍ପାନୀ ମାନଙ୍କୁ ପରୋକ୍ଷ କୃଷିଋଣ 'ବ୍ୟବସ୍ଥା ଉନ୍ନୟନ ଯୋଜନା'ର ଅନ୍ତର୍ଭୁକ୍ତ 'ବିଶେଷ କୃଷି ପ୍ରକଳ୍ପ' ପାଇଁ ଦିଆଯାଇପାରେ ।

f) 'ନାବାର୍ଡ' ନିକଟରେ 'ଆର.ଆଇ.ଡ଼ି.ଏଫ' ଅନ୍ତର୍ଗତ ଜମାରାଶି ପାଇଁ ପରୋକ୍ଷ କୃଷିଋଣ ଦିଆଯାଏ

g) 'ବ୍ୟବସ୍ଥା ଉନ୍ନୟନ କାର୍ଯ୍ୟକ୍ରମ' ତଥା 'ଆର୍.ଇ.ସି' ଦ୍ୱାରା ଜାରି ହେଉଥିବା ବଣ୍ଡ ଗୁଡ଼ିକରେ ପୁଞ୍ଜି ନିବେଶ ପାଇଁ ପରୋକ୍ଷ କୃଷିରଣ ଦିଆଯାଏ ।

h) କୃଷି ଓ ଆନୁସଙ୍ଗିକ କାର୍ଯ୍ୟକ୍ରମ ପାଇଁ 'ନାବାର୍ଡ' ଦ୍ୱାରା ଜାରି ହେଉଥିବା ବଣ୍ଡ ଗୁଡ଼ିକରେ ପୁଞ୍ଜି ନିବେଶ ପାଇଁ ପରୋକ୍ଷ କୃଷି ରଣ ଦିଆଯାଏ ।

i) ଡ୍ରିପ ଇରିଗେସନ୍/ସ୍ପ୍ରିଙ୍କଲର ଇରିଗେସନ/କୃଷିଯନ୍ତ୍ରାଂଶର କ୍ରୟ ନିମନ୍ତେ ପରୋକ୍ଷ କୃଷି ରଣ ନିମ୍ନଲିଖିତ

j) କାର୍ଯ୍ୟକ୍ରମ ପାଇଁ ଡ଼ିଲର ମାନଙ୍କୁ ଦିଆଯାଏ ।

k) କ. ଡ଼ିଲରଟି ଅର୍ଦ୍ଧସହରୀ /ଗ୍ରାମୀଣ କ୍ଷେତ୍ର ଅଧିବାସୀ ହୋଇଥିବେ

ଖ. ଡ଼ିଲରଟି ଉପରୋକ୍ତ କୃଷି ସଂଲଗ୍ନ ଉପକରଣ ବିକ୍ରୟ କରୁଥିବେ ଏବଂ ଏହି ବିକ୍ରୟର ପୃଥକ ବିବରଣୀ ଲିପିବଦ୍ଧ କରୁଥିବେ

ଗ. ପ୍ରତ୍ୟକେ ଡ଼ିଲର ୨୦ ଲକ୍ଷ ଟଙ୍କା ଏ ବାବଦରେ ପରୋକ୍ଷ କୃଷି ରଣ ସୀମା ପ୍ରାପ୍ତ ହେବେ

l) କୃଷି ଉତ୍ପାଦନ ସରଞ୍ଜାମ କ୍ରୟପାଇଁ 'ଅର୍ଥୀଆ' (କମିଶନ ଏଜେଣ୍ଟ) ମାନଙ୍କୁ ଗ୍ରାମୀଣ/ଅର୍ଦ୍ଧ-ସହରୀ ଅଞ୍ଚଳରେ ପରୋକ୍ଷ କୃଷିଂରଣ ଯୋଗାଣ । 'ଅର୍ଥୀଆ' ମାନଙ୍କ ଦ୍ୱାରା କୃଷକ ମାନଙ୍କ କାର୍ଯ୍ୟଶୀଳ ପୁଞ୍ଜି (ୱାର୍କିଂ କ୍ୟାପିଟାଲ) ଓ ପ୍ରାରମ୍ଭିକ କୃଷି ସରଞ୍ଜାମ ଯୋଗାଣ ପାଇଁ ପରୋକ୍ଷ କୃଷିରଣ ଦିଆଯାଏ

m) ଏନ୍.ବି.ଏଫ୍.ସି ମାନଙ୍କୁ କୃଷି କ୍ଷେତ୍ରରେ ପୁଞ୍ଜି ଲଗାଣ ପାଇଁ ପରୋକ୍ଷ କୃଷିରଣ ଦିଆଯାଏ

**(୬) 'କ୍ଷୁଦ୍ର ଶିଳ୍ପ' (ଏସ୍.ଏସ୍.ଆଇ)ର ପରିଭାଷା କଅଣ ?**

ଉ :- ଉତ୍ପାଦନ, ପରିଶୋଧନ, ସଂରକ୍ଷଣ କାର୍ଯ୍ୟରେ ନିୟୋଜିତ, ସେହି ଶିଳ୍ପ ସଂସ୍ଥାକୁ କ୍ଷୁଦ୍ର ଶିଳ୍ପ ର ଅନ୍ତର୍ଭୁକ୍ତ କରାଯାଏ, ଯାହାର କାରଖାନା ଓ ଯନ୍ତ୍ରାଂଶ ବାବଦରେ ସାମଗ୍ରୀକ ମୂଳ ମୂଲ୍ୟ ୧ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ହୋଇନଥିବ । ଏହି ଶିଳ୍ପ ଭିତ୍ତିକ କାର୍ଯ୍ୟ ମଧ୍ୟରେ ଖଣି ସଂପୃକ୍ତ କାର୍ଯ୍ୟ, ଖଣିଜ ପଦାର୍ଥ ଉତ୍ତୋଳନ ଯନ୍ତ୍ରାଂଶ ଜନିତ ମରାମତି ଓ ସେବା ପ୍ରଦାନ ଅନ୍ତର୍ଗତ । ଶିଳ୍ପାୟନର ଆନୁସଙ୍ଗୀକ ସମ୍ପ୍ରସାରଣ ଘଟିଲେ ମଧ୍ୟ ସାମଗ୍ରୀକ ମୂଳ ମୂଲ୍ୟ ୧ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ହେଲେ, ଶିଳ୍ପ ସଂସ୍ଥା 'ଏସ୍.ଏସ୍.ଆଇ' ବର୍ଗୀକୃତ ହୁଏ ନାହିଁ । ଭାରତ ସରକାର 'ହୋସାଇରୀ' ଓ 'ହ୍ୟାଣ୍ଡଟୁଲ' ଉତ୍ପାଦନ ପାଇଁ ଉଦ୍ଦିଷ୍ଟ ଶିଳ୍ପାୟନକୁ 'ଏସ୍.ଏସ୍.ଆଇ'ର ଅନ୍ତର୍ଭୁକ୍ତ କରିଅଛନ୍ତି ।

**(୭) 'ଟିନି ଏଣ୍ଟରପ୍ରାଇଜ'ର ପରିଭାଷା କଅଣ ଅଟେ ?**

ଉ :-ଶିଳ୍ପାୟନ ଯେଉଁ ଅଞ୍ଚଳରେ ଅବସ୍ଥିତ ହେଉ, ଯଦି କାରଖାନା/ଯନ୍ତ୍ରାଂଶ ବାବଦରେ ପୁଞ୍ଜିନିବେଶ ୨୫ଲକ୍ଷ ଟଙ୍କା ମଧ୍ୟରେ ସୀମିତ ରହେ, ତେବେ ଶିଳ୍ପାୟନକୁ 'ଟିନି ଏଣ୍ଟରପ୍ରାଇଜ' କୁହାଯାଏ

**(୮) କ୍ଷୁଦ୍ର ସେବା ଓ ବ୍ୟବସାୟିକ ପ୍ରତିଷ୍ଠାନ (ଏସ୍.ଏସ୍.ବି.ଇ) କହିଲେ କଅଣ ବୁଝାଯାଏ ?**

ଉ :- ଶିଳ୍ପ କ୍ଷେତ୍ରରେ କାର୍ଯ୍ୟରତ ସେବା ଓ ବ୍ୟବସାୟିକ ପ୍ରତିଷ୍ଠାନ ଯାହାରକି 'ଫିକ୍ସଡ଼ ଆସେଟସ୍', ଜମି ଓ ଗୃହକୁ ଛାଡ଼ି ୧୦ ଲକ୍ଷ ଟଙ୍କା ମଧ୍ୟରେ ସୀମିତ ତାହାକୁ କ୍ଷୁଦ୍ରଶିଳ୍ପ କ୍ଷେତ୍ର ସମସ୍ତ ସୁବିଧା ପ୍ରଦାନ କରାଯାଏ ଶିଳ୍ପାୟନର ମୂଳ ଅଧିକ୍ରେତା ପ୍ରଦାନ କରିଥିବା ମୂଲ୍ୟ 'ଫିକ୍ସଡ଼ ଆସେଟସ୍' ମୂଲ୍ୟ ନିର୍ଦ୍ଧାରଣ କରିଥାଏ

**(୯) କ୍ଷୁଦ୍ରଶିଳ୍ପ କ୍ଷେତ୍ରରେ ପରୋକ୍ଷ ରଣ ନିମ୍ନ ଲିଖିତ ବାବଦରେ ପ୍ରଦାନ କରାଯାଏ**

a) କୃଷି କ୍ଷେତ୍ରରେ ବ୍ୟବହୃତ ମୂଳ ସରଞ୍ଜାମ, କ୍ଷୁଦ୍ର କାରିଗରଙ୍କ ଦ୍ୱାରା ଗ୍ରାମୀଣ ଓ କୁଟୀର ଶିଳ୍ପ ଦ୍ୱାରା ଉତ୍ପାଦିତ ଦ୍ରବ୍ୟର ବିପଣନ ନିମିତ୍ତ ପୁଞ୍ଜି ଯୋଗାଣ କରୁଥିବା ସଂସ୍ଥାକୁ ପରୋକ୍ଷ କ୍ଷୁଦ୍ର ଶିଳ୍ପ ରଣ ପ୍ରଦାନ କରାଯାଇଥାଏ

b) ସରକାରୀ ପ୍ରାୟୋଜିତ, ପ୍ରାଥମିକ କ୍ଷେତ୍ରରେ କାର୍ଯ୍ୟରତ ନିଗମ/ସଂସ୍ଥା, ଯାହାକି ଦରିଦ୍ର ବର୍ଗଙ୍କୁ ଆର୍ଥିକ ସାହାଯ୍ୟ ପ୍ରଦାନ କରେ, ସେମାନଙ୍କୁ ପରୋକ୍ଷ ରଣ ପ୍ରଦାନ କରାଯାଏ

c) ହସ୍ତତନ୍ତ ସମବାୟ ସମିତି ମାନଙ୍କୁ ଅଗ୍ରୀମ ପ୍ରଦାନ

d) ଏସ୍.ଏସ୍.ଆଇ ମାନଙ୍କୁ ପୁଞ୍ଜି ଯୋଗାଉଥିବା ଏସ୍.ଆଇ.ଡ଼ି.ସି/ଏସ୍.ଏଫ୍.ସି ମାନଙ୍କୁ ମିଆଦି ପୁଞ୍ଜି/ରଣ

e) ପ୍ରଦାନ

f) 'ସିଡ଼ବି'/ଏସ୍.ଏଫ୍.ସିର ବିଲ୍ ରିଡ଼ିସ୍କାଉଣ୍ଟ କରି ବ୍ୟାଙ୍କ ମାନଙ୍କର ପୁଞ୍ଜି ଯୋଗାଣ

g) କ୍ଷୁଦ୍ରଶିଳ୍ପକୁ ପୁଞ୍ଜି ଯୋଗାଇଦେବା ପାଇଁ 'ସିଡ଼ବି', ଏସ୍.ଏଫ୍ସି, ଏସ.ଆଇ.ଡ଼ି.ସି ମାନଙ୍କ ଦ୍ୱାରା ଜାରି କରାଯାଇଥିବା ବଣ୍ଡ ଗୁଡ଼ିକରେ ପୁଞ୍ଜିନିବେଶ ପାଇଁ ଅର୍ଥ ଯୋଗାଣ,

h) ଅଣ କୃଷି ଭିତ୍ତିକ କ୍ଷେତ୍ରରେ ପୁଞ୍ଜି ଯୋଗାଣ ପାଇଁ 'ନାବାର୍ଡ' ଜାରି କରିଥିବା ବଣ୍ଡ ଗୁଡ଼ିକରେ ପୁଞ୍ଜି ନିବେଶ

i) ଏନ୍.ବି.ଏଫ୍.ସି, ଯେଉଁମାନେ କି 'ଟିନି ସେକ୍ଟର' କୁ ପୁଞ୍ଜି ଯୋଗାନ୍ତି, ସେମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ

j) ବିଦେଶୀ ବ୍ୟାଙ୍କ ମାନଙ୍କ ଦ୍ୱାରା ପ୍ରାଥମିକ କ୍ଷେତ୍ର ଋଣ ଲକ୍ଷ ପୂରଣ କରିବା ପାଇଁ 'ସିଡ଼ବି'ରେ ଜମାରାଶି

k) 'ଟିନି ସେକ୍ଟର'ର ପରୋକ୍ଷ ଋଣ ହିସାବରେ 'ହୁଡ଼କୋ' କୁ ଆର୍ଥିକ ସହାୟତା ପ୍ରଦାନ ତଥା 'ହୁଡ଼କୋ' ବଣ୍ଡରେ ପୁଞ୍ଜି ଲଗାଣ

**(୧୦) ବ୍ୟାଙ୍କ ମାନଙ୍କର କେଉଁ ପୁଞ୍ଜି ନିବେଶକୁ ପ୍ରାଥମିକ କ୍ଷେତ୍ର ଋଣ ପ୍ରଦାନ ଭାବେ ପରିଗଣନା କରାଯାଏ ?**

ଉ :-ନିମ୍ନଲିଖିତ ନିର୍ଦ୍ଦିଷ୍ଟ ଶିଳ୍ପ ଋଣ ସଂସ୍ଥାର ନିର୍ଦ୍ଦିଷ୍ଟ ବଣ୍ଡରେ ପୁଞ୍ଜି ଲଗାଣକୁ ପ୍ରାଥମିକ କ୍ଷେତ୍ର ଋଣ ପ୍ରଦାନ ଭାବେ ଗଣନା କରାଯାଏ

a) ଏସ୍.ଏଫ୍.ସି/ଏସ୍.ଆଇ.ଡ଼ି.ସି-ଏସ୍.ଏସ୍.ଆଇ କ୍ଷେତ୍ରରେ ପୁଞ୍ଜି ଯୋଗାଣ ପାଇଁ ଏସ୍.ଏଫ୍.ସି/ଏସ୍.ଆଇ.ଡ଼ି.ସି ଦ୍ୱାରା ଜାରି କରାଯାଇଥିବା ବଣ୍ଡ ଗୁଡ଼ିକରେ ପୁଞ୍ଜି ନିବେଶ.

b) କୃଷି କ୍ଷେତ୍ରରେ ପରୋକ୍ଷ ଋଣ ହିସାବରେ ଆର୍.ଇ.ସି ଦ୍ୱାରା ଜାରି କରାଯାଇଥିବା ବଣ୍ଡ, ଯାହାକି ପମ୍ପସେଟ ସଚଳିକରଣ (ଗ୍ରାମୀଣ/ଅର୍ଦ୍ଧସହରୀ କ୍ଷେତ୍ର) ପାଇଁ ଉଦ୍ଦିଷ୍ଟ, ତହିଁରେ ପୁଞ୍ଜି ନିବେଶ କରିଲେ, ତାହା ପ୍ରାଥମିକ କ୍ଷେତ୍ରର କୃଷି ଋଣରେ ପୁଞ୍ଜି ନିବେଶ ରୂପେ ବିବେଚିତ ହୁଏ ।

c) 'ନାବାର୍ଡ' ବଣ୍ଡ, ଯାହାକି କୃଷି କ୍ଷେତ୍ରରେ କୃଷି ଓ କୃଷି ସଂଲଗ୍ନ କାର୍ଯ୍ୟ ତଥା ଅଣକୃଷି କ୍ଷେତ୍ରରେ ପୁଞ୍ଜିଯୋଗାଣ ପାଇଁ ଉଦ୍ଦିଷ୍ଟ, ତହିଁରେ ପୁଞ୍ଜିନିବେଶ, କ୍ଷୁଦ୍ରଶିଳ୍ପ/କୃଷିକ୍ଷେତ୍ରରେ ନିୟୋଜିତ ପରୋକ୍ଷ ଋଣ ରୂପେ ବିବେଚିତ ହୁଏ

d) 'ସିଡ଼ବି' ଦ୍ୱାରା କ୍ଷୁଦ୍ର ଶିଳ୍ପ କ୍ଷେତ୍ରରେ ପୁଞ୍ଜି ଯୋଗାଣ ପାଇଁ ଉଦ୍ଦିଷ୍ଟ 'ସିଡ଼ବି' ବଣ୍ଡରେ ପୁଞ୍ଜି ଲଗାଣ, କ୍ଷୁଦ୍ର ଶିଳ୍ପ କ୍ଷେତ୍ରରେ ପରୋକ୍ଷ ଋଣ ରୂପେ ବିବେଚିତ ହୁଏ

e) ଏନ୍.ଏସ୍.ଆଇ.ସି' ଦ୍ୱାରା କ୍ଷୁଦ୍ରଶିଳ୍ପ କ୍ଷେତ୍ରରେ ପୁଞ୍ଜି ଲଗାଣ ପାଇଁ ଉଦ୍ଦିଷ୍ଟ 'ଏନ୍.ଏସ୍ ଆଇ.ସି' ଦ୍ୱାରା ଜାରି ହୋଇଥିବା ବଣ୍ଡ ଗୁଡ଼ିକରେ ପୁଞ୍ଜି ଲଗାଣ, କ୍ଷୁଦ୍ରଶିଳ୍ପ କ୍ଷେତ୍ରର ପରୋକ୍ଷ ଋଣ ରୂପେ ବିବେଚିତ ହୁଏ

f) 'ଏନ୍.ଏଚବି' ଦ୍ୱାରା କ୍ଷୁଦ୍ରଶିଳ୍ପ କ୍ଷେତ୍ରରେ ପୁଞ୍ଜି ଲଗାଣ ପାଇଁ ଉଦ୍ଦିଷ୍ଟ ବଣ୍ଡ ଗୁଡ଼ିକରେ ପୁଞ୍ଜିଲଗାଣ ପ୍ରାଥମିକ କ୍ଷେତ୍ରରେ ପରୋକ୍ଷ ଗୃହଋଣ ରୂପେ ବିବେଚିତ ହୁଏ

g) 'ହୁଡ଼କେ' ବଣ୍ଡରେ ପୁଞ୍ଜିଲଗାଣ (ଅର୍ଥରାଶି, ଯାହା ହେଉପଛେ) ପ୍ରାଥମିକ କ୍ଷେତ୍ରରେ ଗୃହଋଣ ପ୍ରଦାନର ଅନ୍ତର୍ଗତ ହୁଏ 'ହୁଡ଼କୋ'ର ବିଶେଷ ବଣ୍ଡରେ ପୁଞ୍ଜିଲଗାଣ ଯାହାକି 'ଟିନିସେକ୍ଟର'ର ଅନ୍ତର୍ଭୁକ୍ତ କାରିଗର ଓ ହସ୍ତତନ୍ତ ବୁଣାକାରଙ୍କ ପାଇଁ ଉଦ୍ଦିଷ୍ଟ, ତାହା ପ୍ରାଥମିକ କ୍ଷେତ୍ରରେ 'ଟିନିସେକ୍ଟର'କୁ ଋଣ ପ୍ରଦାନର ଅନ୍ତର୍ଭୁକ୍ତ

**(୧୧) ପ୍ରାଥମିକ କ୍ଷେତ୍ରରେ ଦରିଦ୍ର ବର୍ଗ କିଏ ଅଟନ୍ତି ?**

ଉ :- ନିମ୍ନଲିଖିତ ବିଭାଗ ପ୍ରାଥମିକ କ୍ଷେତ୍ରରେ ଦରିଦ୍ର ବର୍ଗ ଭାବେ ବିବେଚିତ ହୁଅନ୍ତି

a) ଭାଗଚାଷୀ, ଲିଜ୍ ଚାଷୀ, ଭୂମିହୀନ ଚାଷୀ ତଥା କ୍ଷୁଦ୍ର ଓ ନାମମାତ୍ର ଚାଷୀ, ଯାହାର ଭୂ-ସମ୍ପତ୍ତି ୫ ଏକରରୁ କମ୍ ଅଟେ

b) ଗ୍ରାମୀଣ, କୁଟୀର ଶିଳ୍ପ ତଥା ଏପରି ଶିଳ୍ପାୟନରେ ନିଯୁକ୍ତ କାରିଗର, ଯେଉଁଠାରେ କି ବ୍ୟକ୍ତିଗତ ଋଣ ଗ୍ରହଣ ସୀମା ୫୦,୦୦୦ ଟଙ୍କା ମାତ୍ର ଅଟେ

c) 'ଏସ୍.ଜି.ଏସ୍.ୱାଇ'ର ସୁବିଧା ପ୍ରାପ୍ତ ବ୍ୟକ୍ତି ବିଶେଷ

d) ତଫସିଲ ଭୁକ୍ତ ଜାତି/ଉପଜାତି

e) 'ଡ଼ି.ଆର.ଆଇ' ଯୋଜନାର ସୁବିଧାପ୍ରାପ୍ତ ବ୍ୟକ୍ତି ବିଶେଷ

f) 'ଏସ୍.ଜେ.ଏସ୍.ଆର.ୱାଇ' ଯୋଜନାର ସୁବିଧାପ୍ରାପ୍ତ ବ୍ୟକ୍ତି ବିଶେଷ

g) ଏସ୍.ଏଲ୍.ଆର.ଏସ ଯୋଜନାର ହିତାଧିକାରୀଗଣ

h) ସେଲଫ ହେଲପ ଗ୍ରୁପ୍ (ଏସ୍.ଏଚ.ଜି)

**(୧୨) ପ୍ରାଥମିକ କ୍ଷେତ୍ରରେ ଋଣପ୍ରଦାନ ଲକ୍ଷ୍ୟ ପୂରଣ ନହେଲେ, ବ୍ୟାଙ୍କ ମାନଙ୍କ ବିରୁଦ୍ଧରେ କିପରି କାର୍ଯ୍ୟାନୁଷ୍ଠାନ କରାଯାଏ ?**

ଉ :- ଭାରତରେ ପଞ୍ଜୀକୃତ ବ୍ୟବସାୟିକ ବ୍ୟାଙ୍କ ପ୍ରାଥମିକ କ୍ଷେତ୍ରରେ ଋଣ ପ୍ରଦାନର ଲକ୍ଷ୍ୟ ପୂରଣ କରି ନ ପାରିଲେ, ଏକ ନିର୍ଦ୍ଦିଷ୍ଟ ଜମାରାଶିକୁ 'ନାବାର୍ଡ'ର 'ଆର.ଆଇ.ଡ଼.ଏଫ୍'ରେ ପୁଞ୍ଜିଲଗାଣ ପାଇଁ ନିର୍ଦ୍ଦିଷ୍ଟ କରାଯାଏ । ବିଦେଶୀ ବ୍ୟାଙ୍କ ପ୍ରାଥମିକ କ୍ଷେତ୍ରରେ ଋଣ ପ୍ରଦାନ ଲକ୍ଷ୍ୟ ପୂରଣ କରି ନ ପାରିଲେ, ଏକ ବର୍ଷ ପାଇଁ ୮ ପ୍ରତିଶତ ସୁଧହାରରେ 'ସିଡ଼ବି'ରେ ସେତିକି ଟଙ୍କା ରଖିବାକୁ ପଡ଼େ, ଯେତିକି ଟଙ୍କା ଲକ୍ଷଧାର୍ଯ୍ୟରୁ କମ୍ ପଡ଼ିଯାଏ।

**(୧୩) ଋଣ ଆବେଦନ ଦରଖାସ୍ତର କାର୍ଯ୍ୟକ୍ରମ ପାଇଁ ସମୟସୀମା ଧାର୍ଯ୍ୟ ହୋଇଛି କି ?**

ଉ :- ୨୫,୦୦୦ ଟଙ୍କା ପର୍ଯ୍ୟନ୍ତ ସମସ୍ତ ଋଣ ଆବେଦନ ପତ୍ର ୧୫ ଦିନ ମଧ୍ୟରେ ବିଚାର କରାଯାଇ କାର୍ଯ୍ୟକ୍ରମ ହୁଏ । ୨୫,୦୦୦ ଟଙ୍କାରୁ ଉର୍ଦ୍ଧ୍ୱ ଆବେଦନ ପତ୍ରର କାର୍ଯ୍ୟକ୍ରମ ୮ ରୁ ୯ ସପ୍ତାହ ମଧ୍ୟରେ **ସମାପ୍ତ ହେବା ବିଧେୟ।**

**(୧୪) ପ୍ରାଥମିକ କ୍ଷେତ୍ରରେ ଋଣ ପ୍ରଦାନ କ୍ଷେତ୍ରରେ ସୁଧର ହାର କଅଣ ଅଟେ ?**

ଉ :- ବର୍ତ୍ତମାନ ପ୍ରଚଳିତ 'ସୁଧହାର ନୀତି' ଅନୁଯାୟୀ ୨ଲକ୍ଷ ଟଙ୍କା ପର୍ଯ୍ୟନ୍ତ ପ୍ରାଥମିକ କ୍ଷେତ୍ରର ଋଣ ଜନିତ ସୁଧର ହାର, ବ୍ୟବସାୟିକ ବ୍ୟାଙ୍କ ମାନଙ୍କର ସ୍ଥିରୀକୃତ 'ପି.ଏଲ୍.ଆର'ରୁ ଉର୍ଦ୍ଧ୍ୱ ହୋଇ ପାରିବ **ନାହିଁ । ୨ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ଋଣ ବାବଦରେ ନିର୍ଦ୍ଦିଷ୍ଟ ବ୍ୟାଙ୍କ ସୁଧର ହାର ନିର୍ଣ୍ଣୟ କରିବେ ।**

**(୧୫) ଭାରତୀୟ ରିଜର୍ଭ ବ୍ୟାଙ୍କ, ପ୍ରାଥମିକ କ୍ଷେତ୍ରରେ ପ୍ରଦତ୍ତ ଋଣ କାର୍ଯ୍ୟକ୍ରମର କିପରି ପରିଚାଳନା କରେ ?**

ଉ :- ବ୍ୟବସାୟିକ ବ୍ୟାଙ୍କ ମାନଙ୍କର ରିଜର୍ଭ ବ୍ୟାଙ୍କକୁ ପଠାଉଥିବା ବିଭିନ୍ନ ବିବରଣୀ (ରିଟର୍ନ) ଦ୍ୱାରା ଭାରତୀୟ ରିଜର୍ଭ ବ୍ୟାଙ୍କ ପ୍ରାଥମିକ କ୍ଷେତ୍ର ଋଣ ପ୍ରଦାନ ଯୋଜନାର ପରିଚାଳନା କରେ । ବ୍ୟାଙ୍କ ମାନଙ୍କର ଋଣ ପ୍ରଦାନ କ୍ଷେତ୍ରରେ ପ୍ରାପ୍ତ ସଫଳତା ବିଭିନ୍ନ ସଭା, ସମିତି ତଥା ବୈଧାନିକ କମିଟି ଦ୍ୱାରା କରାଯାଉଥିବା 'ଲିଡ଼ ବ୍ୟାଙ୍କ ସ୍କିମ' (ଅଗ୍ରଣୀ ଗ୍ରାମ ବ୍ୟାଙ୍କ ଯୋଜନା'ର ରିଭ୍ୟୁଦ୍ୱାରା (ବ୍ଲକ୍,ଡ଼ିଷ୍ଟ୍ରିକ୍ଟ,ରାଜ୍ୟ ସ୍ତରରେ ) ସ୍ଥିରୀକୃତ ହୁଏ ।